## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କଠାରୁ ଚେନ୍ ଲୁଟ୍

ଛେଣ୍ଡିପଦା, ୬।୧୨(ଡି.ଏନ.ଏ.): ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ନିକଟରେ ଗୁରୁବାର ସକାଳେ ଶିକ୍ଷୟିତ୍ରୀ ଜରପଡା ଗ୍ରାମର ମାନିନୀ ମୋନାଲିସା ପ୍ରିୟଦର୍ଶିନୀ ସାହୁ ଲୁଟ୍‌ର ଶିକାର ହୋଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସକାଳ ପ୍ରାୟ ୯ଟାରେ ସେ ଏକ ସ୍କୁଟିରେ ଜେରଙ୍ଗଦେହୁରୀ ସାହି ହାଇସ୍କୁଲକୁ ଯାଉଥିବାବେଳେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କ ପିଛା କରିଥିଲେ। ପରେ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇବା ସହ ସୁନା ଚେନ୍ ଓ ଦୁଇଟି ସୁନା ମୁଦି ଛଡାଇ ନେଇ ପଳାଇଥିଲେ। ଖବରପାଇ ଜରପଡା ପୋଲିସ ଛାନଭିନ କରିବା ସହ ତଦନ୍ତ ଜାରି ରଖିଛି।

### ବାବ୍ରି ମସ୍‌ଜିଦ୍ ଭଙ୍ଗା ଘଟଣାର ପ୍ରତିବାଦ

ଅନୁଗୋଳ ଅଫିସ, ୬।୧୨- ବାବ୍ରି ମସ୍‌ଜିଦ୍ ଭଙ୍ଗା ଘଟଣା ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଗୁରୁବାର ଅପରାହ୍ନରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିରେ ଅନୁଷ୍ଠିତ ଏହି ସଭାରେ ଜିଲା କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ, ଆଇନ୍‌ଜୀବୀ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ବାବ୍ରିମସ୍‌ଜିଦ୍ ଭଙ୍ଗା ଘଟଣା ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଭାରତବର୍ଷର ଇତିହାସରେ କଳଙ୍କିତ ଦିବସ ବୋଲି ମତବ୍ୟକ୍ତ କରିଥିଲେ। ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ରଣଜିତ୍ ପ୍ରଧାନଙ୍କ ସମେତ ଶତାଧିକ ଏସ୍‌ୟୁସିଆଇର କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

### କଂଗ୍ରେସ ନେତାଙ୍କ ଆଠମଲ୍ଲିକ ଗସ୍ତ

ଆଠମଲ୍ଲିକ, ୬।୧୨(ଡି.ଏନ.ଏ.): ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପୂର୍ବତନ ଏମ୍‌ପି ଅମରନାଥ ପ୍ରଧାନ ଗୁରୁବାର ଆଠମଲ୍ଲିକ ଗସ୍ତରେ ଆସି ଫେରି ଯାଇଛନ୍ତି। ବିନିକେୟୀ ପୀଠଠାରେ ପହଞ୍ଚି ପ୍ରଧାନ ମା'ଙ୍କ ଦର୍ଶନ କରିବା ସହିତ ସେଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ପରେ ଆଠମଲ୍ଲିକ ସହର, ମାଧପୁର ଓ କିଶୋରନଗର ବ୍ଲକ ଅନ୍ତର୍ଗତ କିଶୋରନଗର, ବାମୁର, ବଇଣ୍ଡା ଆଦି ସ୍ଥାନକୁ ଯାଇ କର୍ମୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଗସ୍ତ ବେଳେ କଂଗ୍ରେସ ନେତା ପିନା ମହାପାତ୍ର, ବଲବୀର ସିଂହ, ଦେବବ୍ରତ ପ୍ରଧାନ, ପ୍ରମୋଦ ପ୍ରଧାନ, ଅଚ୍ୟୁତ ନାଏକ, କପିଳେଶ୍ୱର ପ୍ରଧାନ, ନିରଞ୍ଜନ ପାତ୍ର, ପ୍ରଦୀପ ସାହୁ, ଅମୃତା ପ୍ରଧାନ, ଚଗଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ବିଭାଗୀୟ କାର୍ଯ୍ୟ ସମୀକ୍ଷା କଲେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

# ମହାନଦୀରୁ ଜଳଯୋଗାଣ ଆରମ୍ଭ କର

**ଶିଶୁ ଯତ୍ନ ଅନୁଷ୍ଠାନ ଯାଞ୍ଚ କରିବାକୁ ପରାମର୍ଶ**

ଅନୁଗୋଳ ଅଫିସ, ୬।୧୨

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡିଭି ସ୍ୱାମୀ ଗୁରୁବାର ଅନୁଗୋଳ ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ନିୟମିତ କର୍ମଚାରୀମାନଙ୍କ ବୈଠକ ଡାକି ବିଭିନ୍ନ ସମସ୍ୟାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଜିଲାପାଳ ଅନିଲ କୁମାର ସାମଲଙ୍କୁ ସେ ପରାମର୍ଶ ଦେଇଛନ୍ତି। ଜିଲା ଖଣିଜ ପାଣ୍ଠିରେ ମହାନଦୀରୁ ଅନୁଗୋଳ ସହରକୁ ଜଳଯୋଗାଣ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ବ୍ୟକ୍ତିଙ୍କ ପରିବାରକୁ ପ୍ରଦାନ କରାଯାଉଥିବା ସହାୟତାର ତଦନ୍ତ ରିପୋର୍ଟ ଠିକ୍ ସମୟରେ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଫଇସଲା କରିବା ସହ ଅଧସ୍ତନ କାର୍ଯ୍ୟାଳୟ ଗୁଡ଼ିକୁ ନିୟମିତ ନୀରିକ୍ଷଣ କରିବାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପରାମର୍ଶ ଦେଇଛନ୍ତି। ବିଭିନ୍ନ ବିଭାଗରେ ପଡ଼ିରହିଥିବା ଅନୁଦାନକୁ ନିର୍ଦ୍ଧାରିତ ସମୟରେ ହିତାଧିକାରୀଙ୍କୁ ପରିଶୋଧ କରିବା ସହ ବିନିଯୋଗ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଜିଲାରେ ଚାଲିଥିବା ପଞ୍ଜୀକୃତ ୫ଟି ଶିଶୁ ଯତ୍ନ ଅନୁଷ୍ଠାନ ସମେତ ଅନ୍ୟାନ୍ୟ ଶିଶୁ ଗୃହଗୁଡ଼ିକୁ ଯାଞ୍ଚ କରିବାକୁ କମିଶନର ସ୍ୱାମୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସରକାରୀ ଚାକିରିରେ ଥାଇ ମୃତ୍ୟୁବରଣ କରିଥିବା ପରିବାରକୁ ଥଇଥାନ ଯୋଜନାରେ ନିଯୁକ୍ତି ପ୍ରଦାନ ସହ ଜାତୀୟ ରାଜପଥ ରନ୍ତଲେଇର ବାଇପାସ୍ କାର୍ଯ୍ୟକୁ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଲଲହଡ଼ାରେ ଖୋଲାଯାଇଥିବା ତହସିଲଭୁକ୍ତ ଜନଜାତିର ୧ ଶହ ଶଯ୍ୟା ବିଶିଷ୍ଟ ୨ଟି ଛାତ୍ରାବାସ ଚଳାଇବା ନିମନ୍ତେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ବିଭାଗୀୟ ସଚିବଙ୍କୁ ଅନୁରୋଧ କରିବା ସହ ତୁରନ୍ତ ଶିକ୍ଷା ସହାୟକ ନିଯୁକ୍ତି କରି ଖାଲି ପଦବୀ ପୂରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାରେ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଠାଗାର ପ୍ରତିଷ୍ଠା କରିବା ସହ ନିଲାମ ହୋଇ ନ ଥିବା ୭୫୨ଟି ପୋଖରୀକୁ ନିଲାମ ନିମନ୍ତେ ପ୍ରକ୍ରିୟା ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବଅଁରପାଳରେ ଉନ୍ନୟନ ପ୍ରକଳ୍ପ ଭୂମିପୂଜନ

ଅନୁଗୋଳ ଅଫିସ, ୬।୧୨

ଆମ ଗାଁ ଆମ ବିକାଶ ଯୋଜନାରେ ବଅଁରପାଳ ବ୍ଲକରେ ଉନ୍ନୟନ ପ୍ରକଳ୍ପର ଭୂମିପୂଜା କରିଛନ୍ତି ଅନୁଗୋଳ-ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀଙ୍କ ଅନୁଗୋଳ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ। ଏମ୍‌ପିଙ୍କ ପ୍ରତିନିଧି ବ୍ଲକର ସାନ୍ତାରାପୁର(ଖ) ପଞ୍ଚାୟତ ଅନ୍ତର୍ଗତ ଗୋପୀ ଗୋଠସାହି ଓ ବଉଳିଗଡ଼ ପଞ୍ଚାୟତ ଜୁହାରପୁର ଗାଁ ମଣ୍ଡପର ଭୂମିପୂଜା କରିଥିଲେ। ଅପରାହ୍ନରେ ବିଜୁ ଯୁବ ନେତା ବିଶି କେସନ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ତାଙ୍କୁ ପାଛୋଟି ନେଇଥିଲେ। ଏହି ଅବସରରେ ଓଡିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ସମ୍ପର୍କରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବଅଁରପାଳ ବ୍ଲକ ପ୍ରତିନିଧି ନରେଶ ବେହେରା, ଯୁବନେତା ମାନସ ରଞ୍ଜନ ଦେହୁରୀ, ସୁଶିତ ସାହୁ, ବସନ୍ତ ପ୍ରଧାନ, ଯୁବ ସରପଞ୍ଚ ପ୍ରକାଶ ଭୋଇ, ବଳରାମ ଜେନା, ଅରବିନ୍ଦ ନାଏକ, କୁମର ନାଏକ, ସଞ୍ଜୟ ସାହୁ, ଫିରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**କେମିତି ରହିବ ଆଜିର ପାଗ**

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୪ | ୧୫.୪ |
| ଚାନ୍ଦବାଲି | ୨୬.୮ | ୧୭.୬ |
| କଟକ | ୨୭.୨ | ୧୭.୦ |
| ପାରାଦ୍ୱୀପ | ୨୮.୨ | ୧୯.୩ |
| ଭୁବନେଶ୍ୱର | ୨୯.୪ | ୧୭.୯ |
| ଗୋପାଳପୁର | ୩୦.୨ | ୨୦.୭ |
| ପୁରୀ | ୨୮.୬ | ୨୦.୨ |
| ଅନୁଗୋଳ | ୨୭.୭ | ୧୩.୬ |
| ବାରିପଦା | ୨୬.୬ | ୧୬.୦ |
| ଝାରସୁଗୁଡ଼ା | ୨୮.୫ | ୧୩.୫ |
| କେନ୍ଦୁଝର | ୨୬.୯ | ୧୩.୫ |
| ସମ୍ବଲପୁର | ୨୯.୪ | ୧୪.୩ |
| ସୁନ୍ଦରଗଡ଼ | ୨୯.୫ | ୧୧.୦ |
| ହୀରାକୁଦ | ୨୮.୭ | ୧୪.୮ |
| ତାଳଚେର | ୩୧.୭ | ୧୫.୩ |
| ଭବାନୀପାଟଣା | ୩୦.୦ | ୧୬.୦ |
| ବଲାଙ୍ଗୀର | ୩୦.୨ | ୧୫.୭ |
| କୋରାପୁଟ | ୨୭.୦ | ୧୫.୨ |
| ଫୁଲବାଣୀ | --- | ୦୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୨.୦ | ୨୦.୮ |
| ସୋନପୁର | ୩୦.୨ | ୧୫.୮ |
| ଦାରିଙ୍ଗିବାଡ଼ି | ୨୪.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**[ଇତିହାସର ଆଇନାରେ] ଡିସେମ୍ବର ୭ର ପ୍ରମୁଖ ଘଟଣା**

୧୯୮୮ ଡିସେମ୍ବର ୭ରେ ଆର୍ମେନିଆରେ ୬.୮ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା, ଯେଉଁଥିରେ ପାଖାପାଖି ୫୦ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ଏହି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୧୯୪୬ ଡିସେମ୍ବର ୭ରେ ଜର୍ଜିଆର ଆଟଲାଣ୍ଟା ସହରରେ ଥିବା ୱିନକଫ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ହୋଟେଲ ମାଲିକଙ୍କ ସମେତ ୧୧୯ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ।ଆମେରିକା ଇତିହାସରେ ଏହା ସବୁଠୁ ବଡ ଅଗ୍ନିକାଣ୍ଡ।

■ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳଙ୍କ ବଇଣ୍ଡା କଲେଜ ପରିଦର୍ଶନ

# ଅନୁଦାନର ସୁପରିଚାଳନା କର



ବଇଣ୍ଡା, ୬।୧୨(ଡି.ଏନ.ଏ.)

ବିଶ୍ୱ ବ୍ୟାଙ୍କର ଏକ ପ୍ରତିନିଧି ଦଳ ଗୁରୁବାର ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିଦର୍ଶନରେ ଆସିଛନ୍ତି। ପ୍ରଫେସର ଡ. ତରଣୀ ଚନ୍ଦ୍ର କର ଗସ୍ତରେ ଆସି ବଇଣ୍ଡା କଲେଜକୁ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆସୁଥିବା ଅନୁଦାନର ସୁପରିଚାଳନା ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଗୁଣାତ୍ମକ ଶିକ୍ଷାର ମାନ କିପରି ବୃଦ୍ଧି ହେବ ସେ ସମ୍ପର୍କରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଅନୁଦାନ କଲେଜର ବିକାଶରେ ଠିକ୍ ଭାବେ ନିୟୋଜନ କରିବା ପାଇଁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ, ଅଧ୍ୟାପକ ଶ୍ରୀନିବାସ ଦେହୁରୀ, କାଳନ୍ଦୀ ଚରଣ ପ୍ରଧାନ, ଅସିତ୍ ଜେନା, ଚନ୍ଦ୍ର ଶେଖର ସିଂ, ଅଧ୍ୟାପିକା ଡ. ସବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା ପରିଚାଳନା କରିଥିଲେ।

## କୋଶଳା ଟିମ୍ ଚାମ୍ପିୟନ

ଛେଣ୍ଡିପଦା, ୬।୧୨(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ମିନି ଷ୍ଟାଡିୟମଠାରେ ଛେଣ୍ଡିପଦା ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ଟିମ୍ ଭାଗ ନେଇଥିଲେ। ଟେଣ୍ଟଲୋଇ କୋଡାସାହି ଓ କୋଶଳା କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କୋଶଳା ପ୍ରଥମେ ୫୬ ରନ୍ କରିଥିବାବେଳେ ଜବାବରେ ଟେଣ୍ଟଲୋଇ ଟିମ୍ ୨୬ ରନ୍ କରି ପରାସ୍ତ ହୋଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ଯୁବ ବାହିନୀ ପ୍ରକଳ୍ପ ଅଧିକାରୀ ରମେଶ ଚନ୍ଦ୍ର ପ୍ରଧାନ, ଅଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ପୁଣେରୁ ଲଢ଼ିବେ ମାଧୁରୀ

**ମୁମ୍ବାଇ:** ୨୦୧୯ ସାଧାରଣ ନିର୍ବାଚନରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ଭାଜପା ପ୍ରାର୍ଥୀ ଭାବେ ପୁଣେ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଚଳିତବର୍ଷ ଜୁନ୍‌ରେ ଭାଜପା ମୁଖ୍ୟ ଅମିତ ଶାହ 'ସମର୍ଥନ ଯାତ୍ରା' ବେଳେ ମାଧୁରୀଙ୍କୁ ମୁମ୍ବାଇସ୍ଥିତ ତାଙ୍କ ବାସଭବନରେ ଭେଟିଥିଲେ। ନରେନ୍ଦ୍ର ମୋଦି ସରକାରଙ୍କ ସଫଳତା ସମ୍ପର୍କରେ ତାଙ୍କୁ ସଂକ୍ଷିପ୍ତ ସୂଚନା ଦେଇଥିଲେ। ରାଜ୍ୟ ଭାଜପାର ଜଣେ ବରିଷ୍ଠ ନେତାଙ୍କ କହିବାନୁସାରେ ପୁଣେ ଲୋକ ସଭା ଆସନ ପାଇଁ ମାଧୁରୀଙ୍କ ନାମ ଚୟନ କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ମାଧୁରୀ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳ ଗୁରୁତ୍ୱର ସହ ବିଚାର କରୁଛି। ପୁଣେ ଲୋକ ସଭା ନିର୍ବାଚନମଣ୍ଡଳୀ ତାଙ୍କ ପାଇଁ ଅପେକ୍ଷାକୃତ ଭଲ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଦଳ ବର୍ତ୍ତମାନ ଅନେକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ମନୋନୟନ ପ୍ରକ୍ରିୟା ଚୂଡାନ୍ତ କରିସାରିଲାଣି। ପୁଣେ ଲୋକ ସଭା ଆସନ ପାଇଁ ମାଧୁରୀଙ୍କ ନାମ ବଛାଯାଇଛି। ୫୧ବର୍ଷୀୟା ମାଧୁରୀ 'ହମ୍ ଆପ୍‌କେ ହୈ କୋନ୍...!', 'ଦିଲ୍ ତୋ ପାଗଲ୍ ହୈ', 'ସାଜନ୍' ଏବଂ 'ଦେବଦାସ' ଭଳି ଅନେକ ଫିଲ୍ମରେ ଅଭିନୟ କରିସାରିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପା ଏହି ଆସନ କଂଗ୍ରେସ ହାତରୁ ଛଡାଇ ଆଣିଥିଲା। ଏଥିରେ ଭାଜପା ପ୍ରାର୍ଥୀ ଅନିଲ୍ ଶିରୋଲ୍ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କଠାରୁ ୩ଲକ୍ଷରୁ ଅଧିକ ଭୋଟ ପାଇ ଜିତିଥିଲେ।



## ମୂର୍ତ୍ତି ଉଦ୍ଧାର ପାଇଁ ହୋମଯଜ୍ଞ

ବଅଁରପାଳ, ୬।୧୨(ଡି.ଏନ.ଏ.)

ବଅଁରପାଳ ଥାନା ତଳମୂଳ ଗ୍ରାମର ଭଲେଶ୍ୱର ମନ୍ଦିରରୁ ଗତ ୨୫ ତାରିଖରେ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ମା' କନକଦୁର୍ଗାଙ୍କ ମୂର୍ତ୍ତି ଉଦ୍ଧାର ପାଇଁ ଗ୍ରାମବାସୀ ହୋମଯଜ୍ଞ କରିଛନ୍ତି। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡି ନ ଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ସରିଲା ସରପଞ୍ଚ ଉପନିର୍ବାଚନ

ପାଲଲହଡ଼ା, ୬।୧୨(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ନଗିରା ପଞ୍ଚାୟତରେ ଗୁରୁବାର ସରପଞ୍ଚ ପଦରେ ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୧ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯାଇଥିଲା। ମୋଟ ୧୪୬୬ ଜଣ ମତଦାତାଙ୍କ ମଧ୍ୟରୁ ୧୨୧୩ ଜଣ ମତଦାନ କରିଥିଲେ। ୩ ଜଣ ପ୍ରାର୍ଥୀ ନବ ବାରିକ, ପିକନ ବାରିକ ଏବଂ ଆଇବନ ମହାରଣା ଏହି ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଶୁକ୍ରବାର ଭୋଟ ଗଣତି କରାଯିବ।

# ଖଳାରୁ ଧାନ ଖାଇଗଲେ ହାତୀ

କଣିହାଁ, ୬।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳରେ ମାତିଛନ୍ତି ହାତୀପଲ। ବୁଧବାର ରାତିରେ ବାଲିପଛା ଗାଁରେ ପଶି ଚାଷୀଙ୍କ ଖଳାରୁ ଧାନ ଖାଇବା ସହ ଏହାକୁ ନଷ୍ଟ କରିଛନ୍ତି। ଗୁରୁବାର ଏକ ଦନ୍ତା ହାତୀ ଡେରେଙ୍ଗ, ବାଲିପଛା, ବଡହୀରା, ମଶୁଣିହତା ଗ୍ରାମ ଅଞ୍ଚଳରେ ଆତଙ୍କ ଖେଳାଇଛି। ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବାକୁ ଉଦ୍ୟମ କରାଯାଉଥିଲେ ହେଁ ଏହା ବିଫଳ ହେଉଛି। ସେହିପରି ବନାଞ୍ଚଳର ରେଙ୍ଗାଳି ଫରେଷ୍ଟ ସେକ୍ସନରେ ୧୩ଟି ହାତୀ ୩ ଦିନ ହେଲା ଉପଦ୍ରବ କରୁଛନ୍ତି। ଗୁରୁବାର ଗଣ୍ଡାମାଳା ପଞ୍ଚାୟତ ଅଞ୍ଚଳରେ ହାତୀ ରହି ଫସଲ ନଷ୍ଟ କରୁଛନ୍ତି। ଏଥିଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। କଣିହାଁ ରେଞ୍ଜର ପ୍ରତାପ ଚନ୍ଦ୍ର ରାଉତ କହିଛନ୍ତି, ଫସଲ କ୍ଷୟକ୍ଷତି ବନ ବିଭାଗ ତରଫରୁ ଭରଣା କରାଯାଉଛି। ବିଭାଗ କର୍ମଚାରୀ, ହାତୀ ସ୍କ୍ୱାଡ ହାତୀ ଘଉଡାଇବାକୁ ନିୟୋଜିତ ହୋଇଛନ୍ତି। କଣିହାଁ ସେକ୍ସନରେ ଏକ ଦନ୍ତା ୧୫ ଦିନ ରହି ଫେରିଯାଇଥିବାବେଳେ ବୁଧବାର ରାତିରେ ପୁଣି ଆସିଛି। ଏହାକୁ ଘଉଡାଇବାକୁ ଉଦ୍ୟମ ଚାଲିଛି।

| କ୍ର. ନଂ | ଜମି ମାଲିକଙ୍କ ନାମ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୯୩ | ବିଜୟ କୁମାର ବେହେରା, ପିତା : ସଂସାର ବେହେରା, ବାସ : ନିଜଗାଁ, ଜାତି : ଶବର | ୧୧୦/୯୪ | ୩୬୧/୨୧୭୧ | ଶାରଦ/୩ | ୦.୨୬ | ୦.୨୬ | |
| ୯୪ | ବିନୋଦ ଚନ୍ଦ୍ର ସାହୁ, ପିତା : ପଙ୍କଜ ଲୋଚନ ସାହୁ, ବାସ : ଭୂଇଁପୁର, ଜାତି : ଚଷା | ୧୧୦/୯୮ | ୧୩୧ | ଶାରଦ/୩ | ୦.୧୪ | ୦.୧୪ | |
| ୯୫ | କ୍ଷେତ୍ରବାସୀ ସାହୁ, ପିତା ଫକିର ଚନ୍ଦ୍ର ସାହୁ, ବାସ: ନିଜଗାଁ, ଜାତି : ଚଷା | ୧୧୦/୧୦୬ | ୨୬୩/୨୦୫୯ | ଶାରଦ/୩ | ୦.୦୬ | ୦.୦୬ | |
| ୯୬ | ବିଶ୍ୱନାଥ ସାହୁ, ପିତା କମାର ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୦୭ | ୨୬୩/୨୦୬୦ | ଶାରଦ/୩ | ୦.୧୦ | ୦.୧୦ | |
| ୯୭ | ମାନଭଞ୍ଜନ ସାହୁ, ପିତା : କପିଳ ସାହୁ, ବାସ : ନିଜଗାଁ, ଜାତି : ଚଷା | ୧୧୦/୧୦୮ | ୨୬୩/୨୦୬୧ | ଶାରଦ/୩ | ୦.୦୬ | ୦.୦୬ | |
| ୯୮ | ନୃସିଂହ ପ୍ରଧାନ, ପିତା : ଧୋବା ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୦ | ୪୯ | ଶାରଦ/୩ | ୦.୦୬ | ୦.୦୬ | |
| | | | ୧୩୫ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୪୧ | ଶାରଦ/୩ | ୦.୦୮ | ୦.୦୮ | |
| | | | ୧୪୭ | ଶାରଦ/୩ | ୦.୦୫ | ୦.୦୫ | |
| | | | ୧୬୭ | ଶାରଦ/୩ | ୦.୩୪ | ୦.୩୪ | |
| | | | ୨୨୦ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୨୩ | ଶାରଦ/୩ | ୦.୨୭ | ୦.୨୭ | |
| | | | ୭୧୯ | ଶାରଦ/୨ | ୦.୫୭ | ୦.୫୭ | |
| | | | ୭୨୨ | ଶାରଦ/୧ | ୦.୫୩ | ୦.୫୩ | |
| | | | ୩୭୦/୧୪୭୩ | ଶାରଦ/୩ | ୦.୧୩ | ୦.୧୩ | |
| ୯୯ | ପତି ପ୍ରଧାନ, ସ୍ୱାମୀ : କଚ୍ଛପ ପ୍ରଧାନ, କ୍ରିଷ୍ଣଚନ୍ଦ୍ର ପ୍ରଧାନ, ରଶ୍ମିତା ଦେହୁରୀ, ମମତା ପ୍ରଧାନ, ମାନସୀ କଣ୍ଡୋଳ, ପିତା : କଚ୍ଛପ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୧ | ୧୯୦ | ଶାରଦ/୩ | ୦.୧୪ | ୦.୧୪ | |
| | | | ୧୯୮ | ଶାରଦ/୩ | ୦.୦୪ | ୦.୦୪ | |
| | | | ୨୦୪ | ଶାରଦ/୩ | ୦.୧୩ | ୦.୧୩ | |
| | | | ୩୬୩ | ଶାରଦ/୩ | ୦.୪୧ | ୦.୪୧ | |
| | | | ୭୨୦ | ଶାରଦ/୨ | ୦.୫୪ | ୦.୫୪ | |
| | | | ୭୨୨/୨୦୬୭ | ଶାରଦ/୧ | ୦.୪୦ | ୦.୪୦ | |
| | | | ୭୨୬/୨୦୬୮ | ଶାରଦ/୧ | ୦.୦୨ | ୦.୦୨ | |
| | | | ୮୫୫/୨୦୬୯ | ଶାରଦ/୨ | ୦.୧୧ | ୦.୧୧ | |
| ୧୦୦ | ଧୋବେଇ ପ୍ରଧାନ, ସ୍ୱାମୀ : ପର୍ଶୁରାମ ପ୍ରଧାନ, ଗୋଲେଖ ପ୍ରଧାନ, ଅଲେଖ ପ୍ରଧାନ, ପିତା : ପର୍ଶୁରାମ ପ୍ରଧାନ, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୨ | ୪୫ | ଶାରଦ/୩ | ୦.୧୦ | ୦.୧୦ | |
| | | | ୧୬୯ | ଶାରଦ/୨ | ୦.୦୪ | ୦.୦୪ | |
| | | | ୨୩୫ | ଶାରଦ/୩ | ୦.୯୫ | ୦.୯୫ | |
| | | | ୭୨୬ | ଶାରଦ/୧ | ୦.୪୬ | ୦.୪୬ | |
| | | | ୮୨୫ | ଶାରଦ/୧ | ୦.୦୮ | ୦.୦୮ | |
| | | | ୮୫୫ | ଶାରଦ/୨ | ୦.୧୦ | ୦.୧୦ | |
| ୧୦୧ | ଖେରେଡ଼ି ପ୍ରଧାନ, ସ୍ୱାମୀ : ଜନକ ବେହେରା, ବାସ : ନିଜଗାଁ, ଜାତି : ବୋଇତା ଶଅର | ୧୧୦/୧୧୩ | ୭୩୮ | ଶାରଦ/୨ | ୦.୪୬ | ୦.୪୬ | |
| ୧୦୨ | ସୁବ୍ରତ କୁମାର ସାହୁ, ପିତା : ସତ୍ୟବାଦୀ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୧୮ | ୩୯/୨୧୭୯ | ଶାରଦ/୩ | ୦.୦୮ | ୦.୦୮ | |
| ୧୦୩ | କିମିକ୍ରିଷ୍ଣା ନାଏକ, ପିତା : କରଣ ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୧୯ | ୮୫୮/୨୧୮୦ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୪ | ନିତ୍ୟାନନ୍ଦ ନାଏକ, ପିତା : ଧନେଶ୍ୱର ନାଏକ, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୦ | ୮୫୮/୨୧୮୧ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୫ | ଦମୟନ୍ତୀ ପାତ୍ର, ପିତା : ନିରଞ୍ଜନ ପାତ୍ର, ବାସ : ନିଜଗାଁ, ଜାତି : ପାଣ | ୧୧୦/୧୨୧ | ୮୫୮/୨୧୮୨ | ଶାରଦ/୨ | ୦.୦୧ | ୦.୦୧ | |
| ୧୦୬ | ସରୋଜିନୀ ସାହୁ, ସ୍ୱାମୀ : ଶ୍ରୀଧର ସାହୁ, ବାସ: ନିଜଗାଁ, ଜାତି : ତେଲି | ୧୧୦/୧୨୨ | ୩୪/୨୧୮୩ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୭ | ସ୍ୱର୍ଣ୍ଣପ୍ରଭା ସାହୁ, ସ୍ୱାମୀ : ତାପସ ସାହୁ, ବାସ : ନିଜଗାଁ, ଜାତି : ତେଲି | ୧୧୦/୧୨୩ | ୩୪/୨୧୮୪ | ଶାରଦ/୩ | ୦.୦୧୦ | ୦.୦୧୦ | |
| ୧୦୮ | ଖଗେଶ୍ୱର ସାହୁ, ପିତା : ଅର୍ଜୁନ ସାହୁ, ବାସ : ନିଜଗାଁ, ଜାତି: ଚଷା | ୧୧୦/୧୨୪ | ୮୪୭/୧୫୬୯ | ଶାରଦ/୨ | ୦.୧୧୦ | ୦.୧୧୦ | |
| | ମୋଟ ସମୁଦାୟ | | | | ୧୧୪.୩୬୦ | ୧୦୯.୧୧୦ | |

Sd./- Spl. Land Acquisition Officer, NTPC, Angul

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ସରପଞ୍ଚ ପଦବୀ ଉପନିର୍ବାଚନ ଶୃଙ୍ଖଳିତ




**ଢେଙ୍କାନାଳ ଅଫିସ, ୬।୧୨:** ଶାନ୍ତିଶୃଙ୍ଖଳାର ସହ ଶେଷହୋଇଛି ଢେଙ୍କାନାଳ ସଦର ବ୍ଲକ କାଇମାଟି ଏବଂ ମଙ୍ଗଳପୁର ସରପଞ୍ଚ ପଦବୀ ଉପନିର୍ବାଚନ। ସକାଳ ୭ରୁ ମଧ୍ୟାହ୍ନ ୧୨ଟା ଯାଏ ଭୋଟ ଗ୍ରହଣ ହୋଇଥିଲେ। କାଇମାଟିରେ ୮୦.୨୬%, ମଙ୍ଗଳପୁରରେ ୭୪.୫୬% ମତଦାନ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୮ଟାରେ ଭୋଟ ଗଣତି କରାଯିବା ସହ ଫଳାଫଳ ଘୋଷଣା ହେବ। ତେବେ ୧୦ ତାରିଖରେ ସରକାରୀ ଭାବେ ଏ ସମ୍ପର୍କିତ ନୋଟିସ୍ ଜାରି କରାଯିବ। ଭୋଟଗଣତି ପୂର୍ବରୁ ଭୋଟ ବାକ୍ସ ଥିବା ବ୍ଲକ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ୧୩୧ ୟୁନିଟ୍ ରକ୍ତ ସଂଗ୍ରହ



**ଓଡ଼ାପଡ଼ା, ୬।୧୨(ଡି.ଏନ.ଏ.)** ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ମା' ଲଙ୍ଗବାଉଡି ଟ୍ରକ ଏବଂ ଟ୍ରେଲର ମାଲିକ ଉନ୍ନୟନ ସଂଘ ପକ୍ଷରୁ ଗୁରୁବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ନଟବର ଗଡନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସାମାଜିକକର୍ମୀ ବିରଞ୍ଚି ନାରାୟଣ ପାଣି, ଜିଲା ରକ୍ତ ଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟ ଯୋଜନା କମିଟି ଅଧକ୍ଷ ବିଷ୍ଣୁ ଦାସ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ଆବାହକ ରାଜୀବ ଜେନା, ସଭାପତି କୈଳାସ ନାଏକ, ସମ୍ପାଦକ ବାଲୁଙ୍କେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମାମୁଙ୍କୁ ହାଣିଲେ ଭଣଜା

**ରାସୋଳ, ୬।୧୨(ଡି.ଏନ.ଏ)-** ରାସୋଳ ଥାନା ନାଉକିଆରୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ପାରିବାରିକ ବିବାଦରୁ ଗଣ୍ଡଗୋଳ ଘଟିଛି। ଅନୀଲ ଭୋଇ ଏବଂ ସୁନୀଲ ଭୋଇଙ୍କ ଆକ୍ରମଣରେ ମାମୁ ରମେଶ ଭୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ହିନ୍ଦୋଳ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଭିଣୋଇ ଶରତ ଭୋଇଙ୍କ ସହ ରମେଶଙ୍କ ଶତ୍ରୁତା ରହିଥିଲା। ଏଥିରେ ଉତ୍ୟକ୍ତ ହୋଇ ଦୁଇ ଭଣଜା ରମେଶଙ୍କୁ ଦା'ରେ ହାଣି ପକାଇଥିଲେ। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ପୋଲିସ କହିଛି।

### ତୀର୍ଥ ଗଲେ ୧୮୬ ବରିଷ୍ଠ



**ଢେଙ୍କାନାଳ ଅଫିସ, ୬।୧୨** ରାଜ୍ୟ ସରକାରଙ୍କ ତୀର୍ଥଯାତ୍ରା ଯୋଜନାରେ ଢେଙ୍କାନାଳରୁ ସାମିଲ ହୋଇଛନ୍ତି ୧୮୬ ବରିଷ୍ଠ ନାଗରିକ। ସ୍ଥାନୀୟ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ଜିଲାପାଳ ନିଖିଲ ପଵନ କଲ୍ୟାଣ ତୀର୍ଥଯାତ୍ରା ବସ୍‌କୁ ଗୁରୁବାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ପୃକ୍ତ ତୀର୍ଥଯାତ୍ରୀମାନେ ସମ୍ବଲପୁର ଯିବେ। ସେଠାରୁ ଶୁକ୍ରବାର ରାମେଶ୍ୱରମ୍ ଏବଂ ମଦୁରାଇ ଅଭିମୁଖେ ଟ୍ରେନ୍ ଯୋଗ ଯାତ୍ରା କରିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ନଟବର ନାଏକ ସୂଚନା ଦେଇଛନ୍ତି। ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ୬୦୦ଜଣ ବରିଷ୍ଠ ନାଗରିକ ତୀର୍ଥ ଯିବାକୁ ଆବେଦନ କରିଥିବାବେଳେ ୧୮୬ଜଣଙ୍କୁ ସୁଯୋଗ ମିଳିଛି।

### କ୍ରୀଡ଼ାରେ ଭାଗ ନେଲେ ୬୬୪

**ଛେଣ୍ଡିପଦା, ୬।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଖେଳକୁଦ ସମାରୋହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ସମ୍ମାନିତ ଅତିଥି ଭାବେ ସଭାପତି ବିଜୟ କୁମାର ଗଡନାୟକ, ଚନ୍ଦ୍ରମଣି ପ୍ରଧାନ ଓ ଯୁଗ୍ମ ସମ୍ପାଦକ କ୍ଷିରୋଦ କୁମାର ଦେହୁରୀ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ଆୟୋଜିତ ପ୍ରତିଯୋଗିତାରେ ୬୬୪ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଢେଙ୍କାନାଳରେ ଚର୍ଚ୍ଚା

# ଅପହୃତ ଯୁବକଙ୍କୁ ହତ୍ୟା

**ଢେଙ୍କାନାଳ ଅଫିସ, ୬।୧୨**

- ବଜାରରୁ ଡାକି ନେଇ ମାରିଦେଲେ
- ୩ଦିନ ପରେ ମୃତଦେହ ଉଦ୍ଧାର
- ଅପହର୍ତ୍ତା ଦାବି କରିଥିଲେ ୨ ଲକ୍ଷ ଟଙ୍କା
- ନାବାଳକ ଗିରଫ, ୩ ଅଟକ, ଠେଙ୍ଗା ଜବତ



ସଂଗ୍ରାମ ପୃଷ୍ଟି।

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ୯ନଂ. ୱାର୍ଡ ବନମାଳୀପ୍ରସାଦ ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଗଣେଶ ଚନ୍ଦ୍ର ପୃଷ୍ଟିଙ୍କ ପୁଅ ସଂଗ୍ରାମ (୧୯)। ବନମାଳୀପ୍ରସାଦ ନିକଟ ଏକ କାଜୁ ବଗିଚାରୁ ତାଳପତ୍ର ଘୋଡ଼ାଯାଇଥିବା ଅବସ୍ଥାରେ ଗୁରୁବାର ଭୋର୍‌ରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅପହର୍ତ୍ତାମାନେ ସଂଗ୍ରାମଙ୍କୁ ମୁଣ୍ଡଜାମିନ ରଖି ୨ଲକ୍ଷ ଟଙ୍କା ମାଗିଥିଲେ। ହତ୍ୟାକାଣ୍ଡରେ ସଂଗ୍ରାମଙ୍କ ସାଙ୍ଗଙ୍କ ହାତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଗିରଫ କରିଥିବାବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

ପରଜଙ୍ଗ ବିଇଓଙ୍କ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ଗଣେଶ ନିଜ ପରିବାର ସହ ବନମାଳୀପ୍ରସାଦରେ ରହୁଛନ୍ତି। ତାଙ୍କର ଦୁଇପୁଅଙ୍କ ମଧ୍ୟରୁ ସାନପୁଅ ସଂଗ୍ରାମ ଜଣେ ମାନସିକ ରୋଗୀ। ମାଟ୍ରିକ୍ ପରେ ସେ ପାଠପଢ଼ା ଛାଡ଼ି ଘରେ ରହୁଥିଲେ। ଡିସେମ୍ବର ୩ ଅପରାହ୍ନ ୫ଟାରେ ସେ ବନମାଳୀପ୍ରସାଦ ବଜାରକୁ ବୁଲିବାକୁ ଆସି ଫେରି ନ ଥିଲେ। ତାଙ୍କର ମୋବାଇଲ ସୁଇଚ୍ ଅଫ୍ ଥିଲା। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ୪ ତାରିଖ ସକାଳ ୭ଟା ୨୧ରେ ସଂଗ୍ରାମଙ୍କ ମୋବାଇଲରୁ ଜଣେ ଯୁବକ ଗଣେଶଙ୍କୁ ଫୋନ କରି ୨ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ମୁଣ୍ଡଜାମିନ ଥିବା ପୁଅଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଗଣେଶ ଏବଂ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଟାଉନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ଫୋନ୍ ଟ୍ରାକିଂ କରିଥିଲା। ଉକ୍ତ ଦିନ ଅପରାହ୍ନରେ ପୁଣିଥରେ ଗଣେଶଙ୍କ ନିକଟକୁ ଫୋନ୍ ଆସିଥିଲା। ସମସ୍ତ ଘଟଣାବଳୀ ଅଧାରରେ ତଦନ୍ତ ଜାରି ରଖିଥିଲା ପୋଲିସ। ଫୋନ୍ ଟ୍ରାକିଂରୁ ସଂଗ୍ରାମଙ୍କ ଫୋନ୍‌ରେ ଜଣେ ଯୁବକ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ଅନ୍ୟଜଣେ ବ୍ୟକ୍ତିଙ୍କ ସହ ରାତିସାରା କଥା ହୋଇଥିବା ଜଣାପଡ଼ିଥିଲା। ଝାରପଡ଼ାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କର ଜଣେ ସହଯୋଗୀଙ୍କ ଜରିଆରେ ଠାବ କରିଥିଲା ପୋଲିସ। ଏହାପରେ ହତ୍ୟାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ନାବାଳକ (୧୬) ଧରାପଡ଼ିଥିଲେ।

ସଂଗ୍ରାମଙ୍କୁ ବଜାରକୁ ଆସିଥିବା ଅଭିଯୁକ୍ତ ନାବାଳକ ତାଙ୍କୁ ଡାକି ନେଇଥିଲେ। କାଜୁ ବଗିଚାରେ ବନମାଳୀପ୍ରସାଦ ଅଞ୍ଚଳର ଉଗ୍ରସେନ ପ୍ରଧାନ, ଜିତେନ୍ଦ୍ର ସାହୁ ଏବଂ ଝାରପଡ଼ାରେ ରହୁଥିବା କଟକ ଜିଲା ତିଗିରିଆ ଥାନା ଭିରୁଡା ଅଞ୍ଚଳର ଅମରେନ୍ଦ୍ର ପଟ୍ଟନାୟକ ଓରଫ୍ ମିଟୁ ଉପସ୍ଥିତ ଥିଲେ। ସେଠାରେ ସଂଗ୍ରାମଙ୍କୁ ମୁଣ୍ଡ ଜାମିନ ରଖି ତାଙ୍କ ଫୋନ୍‌ରୁ ପରିବାରକୁ ଟଙ୍କା ମଗାଯାଇଥିଲା। ଏହାପରେ ରାତି ୮ଟାରେ ସଂଗ୍ରାମକୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିଲା। ମୃତଦେହକୁ ତାଳପତ୍ର ଘୋଡ଼ାଇ ସମସ୍ତେ ପଳାଇଥିଲେ। ପୋଲିସ ଜେରାବେଳେ ଗିରଫ ଅଭିଯୁକ୍ତ ଏହା ମାନିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ଟାଉନ ଥାନାଧିକାରୀ ନମିତା ନାୟକ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ୪ଟି ଖାଲି ମଦ ବୋତଲ, ଗୁଟ୍‌ଖା ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ ୩୪୧/୧୮, ଦଫା ୩୬୪ (ଏ), ୩୦୨, ୨୦୧ ଓ ୩୪ରେ ମାମଲା ରୁଜୁ ହୋଇଛି।

## ଗୃହରକ୍ଷୀ ବାହିନୀ, ନାଗରିକ ସୁରକ୍ଷା ଦିବସ

# 'ଲୋକଙ୍କ ଆସ୍ଥାଭାଜନ ହୁଅ'



ଏସ୍‌ପି ସନ୍ତୋଷ କୁମାର ନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରେ ଗୁରୁବାର ପୂର୍ବାହ୍ନ ୮ଟାରେ ଗୃହରକ୍ଷୀ ବାହିନୀ ଓ ନାଗରିକ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଏସ୍‌ପି ସନ୍ତୋଷ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହରକ୍ଷୀ ବାହିନୀର ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ଏବଂ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତାପାଠ କରିବା ପରେ ଏସ୍‌ପି ନିଜ ଅଭିଭାଷଣରେ କହିଲେ, ସଂହତି ସ୍ଥାପନରେ ଗୃହରକ୍ଷୀ ବାହିନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରାକୃତିକ ବିପର୍ଯ୍ୟୟ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଗୃହରକ୍ଷୀ ବାହିନୀ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ଉତ୍ସର୍ଗୀକୃତ ସେବା ମନୋଭାବ ରଖି ଲୋକଙ୍କ ଆସ୍ଥା ଭାଜନ ହେଲେ ଗୃହରକ୍ଷୀମାନେ ସମ୍ମାନର ପାତ୍ର ହୋଇପାରିବେ ବୋଲି ଏସ୍‌ପି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଉପସ୍ଥିତ ଥିବାବେଳେ ଆଦର୍ଶ ସାହୁ ପରେଡ ପରିଚାଳନା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କଲେ ଏମ୍‌ପି



ଗ୍ରାମବାସୀଙ୍କ ଗହଣରେ ଏମ୍‌ପି ତଥାଗତ ସତପଥୀ।

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଗୁରୁବାର ଗଁଦିଆ ବ୍ଲକ ଗସ୍ତ କରି ନିଜସ୍ୱ ହାତପାଣ୍ଠିରୁ ନିର୍ମିତ ବିଭିନ୍ନ ଜନହିତକର ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ବଣିଆପଡ଼ା ୟୁପି ସ୍କୁଲ ପାଚେରି, ଆଙ୍କୁର୍ଦା କୋଠଘର ରହିଛି। ଏହି ଅବସରରେ ଏମ୍‌ପି ମଠତେନ୍ତୁଳିଆ ଗସ୍ତ କରିବା ସହ ଷଡ଼ଙ୍ଗୀରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ପରେ ବୃନ୍ଦାବନପୁର, ଭାଲିଆପାଟ, କାଲୁଣିଗୋଡା, ନୂଆଗୋଡା, ଖଣ୍ଡବନ୍ଧ ଗ୍ରାମ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ବିଭୂତି ଭୂଷଣ ବେହେରା, ବୈକୁଣ୍ଠ ବେହେରା, ଶଶିଭୂଷଣ ସାମଲ, କୈଳାସ ନାୟକ, ବଳରାମ ପରିଡା, ପୂର୍ବତନ ଡ୍ରିଟ୍ ଅଧକ୍ଷ ଦେବୀପ୍ରସାଦ ଭୂତିଆ, ଗୋବର୍ଦ୍ଧନ ନାୟକ, ଜୟ ପୃଷ୍ଟି, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଆତ୍ମହତ୍ୟା, ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୬।୧୨**

ପ୍ରେମ ନିବେଦନ କରି ବିଫଳ ହେବାପରେ ଯୁବତୀଙ୍କ ଘର ବାରଣ୍ଡାରେ ବିଷପିଇ ଜୀବନ ହାରିଛନ୍ତି ଜଣେ ବିବାହିତ ଯୁବକ। କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ଘଟିଥିବା ଏପରି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପଟେ ସମ୍ପୃକ୍ତ ଯୁବତୀଙ୍କ ପରିବାର ଲୋକେ ସ୍ୱାମୀଙ୍କୁ ବିଷ ପିଆଇ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ରୋଜାଲିନ୍ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି।

ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଞ୍ଚଳରେ ରୁହନ୍ତି ସୁଶାନ୍ତ ଷଡ଼ଙ୍ଗୀ (୪୦)। ବୁଧବାର ସନ୍ଧ୍ୟାରେ ସେ ବାଙ୍ଗୁରା ଗ୍ରାମକୁ ଯାଇ ସମ୍ପୃକ୍ତା ଯୁବତୀଙ୍କ ଘର ଆଗରେ ପ୍ରେମ ନିବେଦନ କରିବା ସହ କବାଟ ଖୋଲିବାକୁ କାକୁତିମିନତି ହୋଇଥିଲେ। ହେଲେ କେହି କବାଟ ନ ଖୋଲିବାରୁ ବିଳମ୍ବିତ ରାତିରେ ଯୁବକଜଣକ ବିଷପିଇ ଆତ୍ମହତ୍ୟା କରିଥିବା କେତେଜଣ ଅଞ୍ଚଳବାସୀ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୨୩୮/୧୮, ଦଫା ୩୦୨ ଓ ୩୪ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

# ସାହିତ୍ୟିକ ଶ୍ରୀନିବାସ ନନ୍ଦଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୬।୧୨**



ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ ତଥା କଂଗ୍ରେସ ନେତା ଶ୍ରୀନିବାସ ନନ୍ଦଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ରୁକ୍ମିଣୀପ୍ରଭା ନନ୍ଦ, ବଡ଼ପୁଅ ଶୁଭେନ୍ଦୁ ପ୍ରସାଦ ନନ୍ଦ, ସାନପୁଅ ସମରେନ୍ଦ୍ର ନନ୍ଦଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

ଜଣେ ସଙ୍ଗଠକ ଭାବେ ଶ୍ରୀନିବାସ ବେଶ୍ ପରିଚିତ ଥିଲେ। ସେ ଢେଙ୍କାନାଳ ଚନ୍ଦନବଜାର ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ସଭାପତି, ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ସଭାପତି, ଜିଲା ବାଣିଜ୍ୟ ସଂଘର ସମ୍ପାଦକ ପଦବୀରେ ରହିଥିଲେ। ସେହିପରି ବାପୁଜୀ ସ୍କୁଲ, ଗୋପାଳସାଗର ସ୍କୁଲ କମିଟିର ସଦସ୍ୟ ମଧ୍ୟ ଥିଲେ। 'ପ୍ରଶାନ୍ତିରୁ ଶିରିଡ଼ି' କବିତା ପୁସ୍ତକ ରଚନା କରି ସେ ନିଜର ସାହିତ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି। କେବଳ ଏତିକି ନୁହେଁ, ଶ୍ରୀନିବାସ ୩ ଥର କାଉନସିଲର ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ।

ତାଙ୍କ ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, ନବୀନଚନ୍ଦ୍ର ନାରାୟଣ ଦାସ, ସୁଧାଂଶୁ ଦଳେଇ, ଶ୍ରୀଧର ସାହୁ, ଇନ୍ଦ୍ରମଣି ବେହେରା, ଶରତ ପାଢୀ, ଶିବସାଇ ମହାପାତ୍ର, ମନୋରଞ୍ଜନ ନନ୍ଦ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସେହିପରି କବିଭୂଷଣ ସ୍ମୃତିସଂସଦ, ବାଳକୃଷ୍ଣ ସାହିତ୍ୟ ସଂସଦ ଏବଂ ରେଣୁବାଳା ସ୍ମୃତି ସଂସଦ ପକ୍ଷରୁ ଶ୍ରୀନିବାସଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଛି।

# ପଡ଼ିଆରେ ଫୁଟିଲା ବୋମା

**ରାସୋଳ,୬।୧୨(ଡି.ଏନ.ଏ.)**

ରାସୋଳ ଥାନା ଗଣ୍ଡାନାଳି ଗ୍ରାମ ନକଟ ମହୁଖିଆ ପଡ଼ିଆରେ ଗୁରୁବାର ଅପରାହ୍ନରେ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଛି। ଏଥିରେ ଭାଗବତ ସାହୁଙ୍କ ଗୋଟିଏ ଗାଈ ଗୁରୁତର ହୋଇଛି। ଶିକାରୀମାନେ ଜନ୍ତୁ ଶିକାର କରିବାକୁ ବିଭିନ୍ନ ସ୍ଥାନରେ ବୋମା ଖଞ୍ଜୁଛନ୍ତି। ଏହା ଫୁଟି ବିଭିନ୍ନ ସମୟରେ ଗୃହପାଳିତ ପ୍ରାଣୀ ପ୍ରାଣ ହରାଉଥିବା ଅଞ୍ଚଳବାସୀ କହିଛନ୍ତି।

# ୯ରେ ଭଲିବଲ ଚୟନ ଶିବିର

**ଢେଙ୍କାନାଳ ଅଫିସ, ୬।୧୨:** ଢେଙ୍କାନାଳ ଜିଲା କାମାକ୍ଷାନଗର ଷ୍ଟାଡିୟମରେ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେଉଛି ଆନ୍ତଃଜିଲା ଭଲିବଲ ପ୍ରତିଯୋଗିତା। ଏଥିରେ ଭାଗ ନେବ ଢେଙ୍କାନାଳ। ସ୍ଥାନୀୟ ଷ୍ଟାଡିୟମରେ ୯ ତାରିଖରେ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଆଶାୟୀ ପ୍ରତିଯୋଗୀମାନେ ପ୍ରମାଣପତ୍ର, ଆଧାରକାର୍ଡ, ଭୋଟର ପରିଚୟପତ୍ର ଆଣିବାକୁ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

# ଫାଇନାଲରେ କେନ୍ଦ୍ରାପଡ଼ା

**ଭୁବନ, ୬।୧୨(ଡି.ଏନ୍.ଏ.)**

ଭୁବନସ୍ଥିତ ମା' ବାଟତାରିଣୀ ଖେଳପଡ଼ିଆରେ ଚାଲିଥିବା ମହାଭାରତ କ୍ରିକେଟ ଟୁର୍ନାମେଣ୍ଟର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସୋରକୁ ହରାଇ କେନ୍ଦ୍ରାପଡ଼ା ଫାଇନାଲରେ ପ୍ରବେଶ କରିଛି। ଟସ୍‌ଜିଣି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାପଡ଼ା ଅରୁଣ କୁମାରଙ୍କ ୬୧ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୧୫୮ ରନ୍ କରିଥିଲା। ଜବାବରେ ସୋର ୧୫୪ ରନ୍‌ରେ ଅଟକି ଯାଇଥିଲା। ଅମିତ ବେହେରା, ସୁଶାନ୍ତ ପୃଷ୍ଟି ମ୍ୟାଚ୍ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ନାୟକ ଧାରାବିବରଣୀ ଦେଇଥିଲେ।

ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ଦେବଦତ୍ତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ୍ ଭୁବନ ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ଦିଆଯାଇଛି।



# ଘରୋଇ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

**ହିନ୍ଦୋଳ, ୬।୧୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତର ଘରୋଇ ଜମିରେ ରାସ୍ତା ନିର୍ମାଣ କରାଯାଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ସଲାସୁତରା କରାଯାଇ ଏପରି ବେନିୟମ କାର୍ଯ୍ୟ କରାଯାଇଥିବା ଅଭିଯୋଗକାରୀ ଗୋପାଳ ଚନ୍ଦ୍ର ସାହୁ କହିଛନ୍ତି। କନ୍ତିମିଲି ମୌଜା ଖାତା ନଂ. ୧୧୭, ପ୍ଲଟ ନଂ. ୨୩୧୧ରେ ୪୪ ଡେସିମିଲି ଜମି ଗୋପାଳଙ୍କ ନାମରେ ରେକର୍ଡ ରହିଛି। କିଛିଦିନ ତଳେ ଉକ୍ତ ଜମିରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ରାସ୍ତା ତିଆରି କରାଯାଇଥିଲା। ଗୋପାଳ ଏହା ଜାଣିବା ପରେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏସବୁ ସତ୍ତ୍ୱେ ଉକ୍ତ ବିବାଦୀୟ ନିର୍ମାଣ କାର୍ଯ୍ୟର ବିଲ୍ କରାଯିବାକୁ ମସୁଧା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ କୁହନ୍ତି, ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ହୋଇଥିଲେ ବିଲ୍ କରାଯିବ ନାହିଁ। ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଛି।

# ହାତୀ ଘଉଡ଼ାଇବାକୁ ଲଙ୍କାଗୁଣ୍ଡ

**ପରଜଙ୍ଗ, ୬।୧୨(ଡି.ଏନ୍.ଏ.)**



- ବନ ବିଭାଗ ଆପଣାଇଲା ନୂଆ ପଦ୍ଧତି
- ୫କିମି ଯାଏ ଓହଳାଗଲା ଲଙ୍କାଗୁଣ୍ଡ ପୁଡ଼ିଆ

ହାତୀ ଘଉଡ଼ାଇବାକୁ ବନ ବିଭାଗ ଆପଣାଇଛି ନୂଆ ତରିକା। ଏଣିକି ଲଙ୍କାଗୁଣ୍ଡ ମାଧ୍ୟମରେ ରୋକାଯିବ ହାତୀ ଉପଦ୍ରବ। ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏପରି କୌଶଳ କାର୍ଯ୍ୟକାରୀ ହୋଇଛି ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଞ୍ଚଳରେ। ଜଙ୍ଗଲ ମଧ୍ୟରେ ଥିବା ହାତୀ ଚଲାପଥରେ ଥିବା ଗଛରେ ଟଙ୍ଗାଯାଇଛି ଲଙ୍କାଗୁଣ୍ଡ ପୁଡ଼ିଆ। ଏହାଦ୍ୱାରା ହାତୀ ଆତଙ୍କ ଅନେକାଂଶରେ କମିଯିବ ବୋଲି ଆଶାବାଦୀ ଅଛନ୍ତି ବନ କର୍ମଚାରୀ।

ଡିହଡୋଳ ଫରେଷ୍ଟ ସେକ୍ସନରେ ୩ମାସ ହେଲା ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ୫୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ଦୌରାତ୍ମ୍ୟ ସୃଷ୍ଟି କରି ଚାଲିଛନ୍ତି। ହାତୀ ଆକ୍ରମଣରେ ବ୍ୟାପକ ଧନଜୀବନ ହାନିହେଉଛି। ହାତୀ ଘଉଡ଼ାଇବାକୁ ଯାଇ ନୟାନ୍ତ ହୋଇଗଲେଣି ବନ କର୍ମଚାରୀ। ତଥାପି କୌଣସି ସୁଫଳ ମିଳୁନାହିଁ। ସବୁ ଚେଷ୍ଟା ବିଫଳ ହେବାପରେ ଶେଷରେ ବିଭାଗ ଲୋଡ଼ିଥିଲା ଖୋର୍ଦ୍ଧା ଅଞ୍ଚଳର ବିଶେଷଜ୍ଞ ବିପିନ ପ୍ରଧାନଙ୍କ ସହାୟତା। ବୁଧବାର ବନ କର୍ମଚାରୀମାନେ ବିପିନଙ୍କୁ ନେଇ ହାତୀ ଉପଦ୍ରୁତ ଅଞ୍ଚଳ ଦେଖାଇଥିଲେ। ତାଙ୍କ ପରାମର୍ଶକ୍ରମେ ଗୁରୁବାର ଦୀର୍ଘ ୫ କିମି ହାତୀ ଚଲାପଥରେ ଶୁଖିଲା ଲଙ୍କାକୁ ଗୁଣ୍ଡ କରାଯାଇ ଛିଟ କପଡ଼ାରେ ଗଛରେ ବନ୍ଧାଯାଇଛି।

ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, କେନ୍ଦୁଝର, ଗଞ୍ଜାମ ଜିଲାର ବିଭିନ୍ନ ବନାଞ୍ଚଳରେ ଏହି କୌଶଳ ଉପଯୋଗ କରିବା ପରେ ହାତୀ ଉପଦ୍ରବରୁ ରକ୍ଷା ମିଳିଛି। ଡିହଡୋଳ ଫରେଷ୍ଟ ସେକ୍ସନରେ ମଧ୍ୟ ଏହା ସଫଳ ହେବ ବୋଲି ବିଶେଷଜ୍ଞ ବିପିନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ହାତୀମାନେ ଭୋର୍ ସମୟରେ ଜନବସତିମୁହାଁ ହୋଇ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଏଥିରୁ ରକ୍ଷା ପାଇବାକୁ ଉପାୟ ବତାଇଛନ୍ତି ବିପିନ। ସେ କହିଛନ୍ତି, ଗୋବରରେ କଞ୍ଚା ଲଙ୍କା ପୋତି ଚାଳ ଉପରେ ରଖିବା ଦ୍ୱାରା ହାତୀ ଆତଙ୍କରୁ ମୁକ୍ତି ମିଳିବ। ଏ ସଂକ୍ରାନ୍ତରେ କନ୍ଦରସିଂହା, ମଝିକା ଅଞ୍ଚଳର ମହିଳାମାନଙ୍କୁ ସଚେତନ କରାଯାଇଛି। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ବିଶ୍ୱନାଥ ସୋରେନ, ରାମଚନ୍ଦ୍ର ରାଉତ, ଗାର୍ଡ କ୍ରିଷ୍ଣାପ୍ରିୟା ସାହୁ, ଲୁସ୍ମିତା ସିଂ, ଲିଲି ପ୍ରଧାନ, ରଶ୍ମିରେଖା ଦିୱାନିଙ୍କ ସମେତ ହାତୀ ସ୍କ୍ୱାଡ୍ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମେଡିକାଲରୁ ୩ ବାଇକ୍ ଚୋରି

**ଅନୁଗୋଳ ଅଫିସ, ୬।୧୨:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ୩ଟି ବାଇକ ଚୋରି ହୋଇଛି। ଏଥିମଧ୍ୟରୁ ଗୋଟିଏ ବାଇକ୍ ଚିକିତ୍ସାଳୟ କର୍ମଚାରୀଙ୍କର ବୋଲି ଜଣାପଡିଛି। ପ୍ରଥମ ବାଇକଟି ମଧ୍ୟାହ୍ନରେ ମେଡ଼ିକାଲ ପରିସରରେ ଥିବା ତିନିମହଲା ଗୃହ ନିକଟରୁ ଚୋରି ହୋଇଥିବାବେଳେ ଦ୍ୱିତୀୟଟି ପାଞ୍ଚ ମହଲା ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ପରେ ପୁରୁଣା ପୁରୁଷ ୱାର୍ଡ଼ ସାମ୍ନା ପୁଷ୍ଟିସାଧନା କେନ୍ଦ୍ର ତଳୁ ରାତି ୮ଟାରେ ତୃତୀୟ ବାଇକ୍ ଚୋରି ହୋଇଥିବା ଜଣାପଡିଛି।

### ବିଲୁ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୬।୧୨:** ଅନୁଗୋଳରେ ବିଭିନ୍ନ ଡକାୟତ ଘଟଣାରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ବିଲୁ ଖାଁଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ଼ର ଏନକାଉଣ୍ଟର ପରେ ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପରେ ଗତ ୨୪ ତାରିଖରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା।

■ ଟେଙ୍ଗୋଲୋଇ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଭିଯୋଗ

# ପାଇଖାନା ସଫା ପାଇଁ ବାଧ୍ୟ କରାଯାଉଛି

**ବଅଁରପାଳ,୬।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଟେଙ୍ଗୋଲୋଇ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଇଖାନା ସଫା କରିବାକୁ ବାଧ୍ୟ କରାଯାଉଛି। ଏପରି ଅଭିଯୋଗ ଆଣିଛନ୍ତି କେତେଜଣ ଛାତ୍ରୀଛାତ୍ର। ବୁଧବାର ଜଣେ ଛାତ୍ରୀ ଏ ନେଇ ଘରେ ଅଭିଯୋଗ କରିବା ପରେ ଗୁରୁବାର ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରାଉ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ୨୭୧ ଛାତ୍ରୀଛାତ୍ର ପଢୁଥିବାବେଳେ ବହୁ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ହେଲେ ୩ ମାସ ହେଲା ନିୟମିତ ଭାବେ ଟେଙ୍ଗୋଲୋଇ ଗ୍ରାମର କେତେଜଣ ଛାତ୍ରୀଛାତ୍ରଙ୍କୁ ପାଇଖାନା ସଫା କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ବାଧ୍ୟ କରୁଛନ୍ତି। ବୁଧବାର ଅପରାହ୍ଣରେ ଜଣେ ଛାତ୍ରୀଙ୍କୁ ଜଣୈକା ଶିକ୍ଷୟିତ୍ରୀ ଡକାଇ ପାଇଖାନା ସଫା କରାଇଥିଲେ।



ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜିତ ଗ୍ରାମବାସୀ।

ଫଳରେ ଛାତ୍ରୀଙ୍କ ଦୁଇ ଗୋଡ଼ରେ ମଇଳା ଲାଗିଥିଲା। କାନ୍ଦିକାନ୍ଦି ଘରକୁ ଯାଇ ସେ ଏ ବିଷୟରେ ମା'ଙ୍କୁ ଜଣାଇଥିଲେ। ସମ୍ପୃକ୍ତ ଛାତ୍ରୀଙ୍କ ମା' ଏ ସମ୍ପର୍କରେ ସ୍ଥାନୀୟ ୱାର୍ଡ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ଗ୍ରାମର ବହୁ ଲୋକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରାଉ କରିଥିଲେ।

ଗ୍ରାମର ବିଜୁଳି ନାୟକ କୁହନ୍ତି, ବୁଧବାର ଅପରାହ୍ଣରେ ଝିଅ ଘରକୁ ଆସି ପାଇଖାନା ସଫା କରିବାକୁ ବାଧ୍ୟ କରାଯାଇଥିଲା ବୋଲି କହିଥିଲା। ଗ୍ରାମର ବଚନ ନାୟକ କୁହନ୍ତି, ମୋ ନାତୁଣୀକୁ ମଧ୍ୟ ସ୍କୁଲରେ ପାଇଖାନା ସଫା କରିବା ପାଇଁ କୁହାଯାଇଥିଲା। ସେହିପରି ୱାର୍ଡ ସଭ୍ୟ ତପନ କୁମାର ନାୟକ କୁହନ୍ତି,

**ତାତିଲେ ଗ୍ରାମବାସୀ, ହରଡ଼ଘଣାରେ ପ୍ରଧାନ ଶିକ୍ଷୟିତ୍ରୀ**

ଝିଅକୁ ପାଇଖାନା ସଫା ପାଇଁ ସ୍କୁଲରେ ବାଧ୍ୟ କରାଯାଉଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଏ ନେଇ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବୁ। ସେହିପରି ଗ୍ରାମର ସ୍ୱାଗତ ନାୟକ କୁହନ୍ତି, ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଅନେକ ସମୟରେ ଏଭଳି ବହୁ ହଇରାଣ ହରକତ କରୁଛନ୍ତି। ପାଠ ପଢ଼ାଇବା ବଦଳରେ ପାଇଖାନା ସଫା କରାଇବା ଅତ୍ୟନ୍ତ ନିନ୍ଦନୀୟ। ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ବେହେରା କହିଛନ୍ତି, ଶୌଚ ପାଇଁ ଯାଉଥିବା ଛାତ୍ରୀଛାତ୍ରମାନେ ଶୌଚାଳୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦରକାର। ତେଣୁ ସେମାନଙ୍କୁ ଏ ନେଇ ସଚେତନ କରାଯାଇଛି। ଆମେ କାହାକୁ ପାଇଖାନାକୁ ସଫା କରିବା ପାଇଁ ଜୋର ଜବରଦସ୍ତି କରୁନାହୁଁ।

# ପ୍ରତିଷ୍ଠା ହେବ ମେଗା ପାନୀୟ ଜଳ ପ୍ରକଳ୍ପ

**ଅନୁଗୋଳ ଅଫିସ, ୬।୧୨**

■ ଡିସେମ୍ବର ସୁଦ୍ଧା ଡିପିଆର୍ ପ୍ରସ୍ତୁତ ପାଇଁ ପରାମର୍ଶ

■ ଦୈନିକ ବିଶୋଧନ ହେବ ୫୦ ମିଲିୟନ ଲିଟର ଜଳ

ସମ୍ପ୍ରତି ଜିଲାରେ ପାନୀୟ ଜଳ ଅଭାବକୁ ଦୃଷ୍ଟିରେ ରଖି ମହାନଦୀ ଓ ସମଲ ବ୍ୟାରେଜରୁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ଅନୁଗୋଳ ସହର ଓ ଏହାର ଆଖପାଖ ଅଞ୍ଚଳରେ ନିର୍ମାଣ ହେବ ମେଗା ପାନୀୟ ଜଳ ପ୍ରକଳ୍ପ। ୫ ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ସର୍ଭେ ଓ ଡିପିଆର୍ ପ୍ରସ୍ତୁତି ନିମନ୍ତେ ଭୁବନେଶ୍ୱର ଓପି ଏବଂ ଏସ୍ଏସ୍ ଇନ୍ଫ୍ରା କନ୍ସୁଲାଟେନ୍ସକୁ ଦାୟିତ୍ୱ ଦିଆଯାଇଛି। ଏହାର ଚୂଡ଼ାନ୍ତ ରୂପରେଖ ସ୍ଥିର କରିବା ନିମନ୍ତେ ଗୁରୁବାର ଅପରାହ୍ଣରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ ଆବାସିକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ବସିଥିଲା। ଡିସେମ୍ବର ସୁଦ୍ଧା ଡିପିଆର୍ ପ୍ରସ୍ତୁତି କରି ଟେଣ୍ଡର କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଭୁବନେଶ୍ୱରର ଓପି ଏବଂ ଏସ୍ଏସ୍ ଇନ୍ଫ୍ରା କନ୍ସୁଲାଟେନ୍ସକୁ ଏହି ଦାୟିତ୍ୱ ଦେଇଛନ୍ତି। ସମଲ ବ୍ୟାରେଜର ପାଣିକୁ ଜାମୁନାଳି ଠାରେ ୱାଟର ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୫୦ ମିଲିୟନ ଲିଟର ଜଳ ବିଶୋଧିତ କରାଯାଇ ଅନୁଗୋଳର ଆଖପାଖ ଅଞ୍ଚଳକୁ ଯୋଗାଇ ଦିଆଯିବ। ସେହିପରି ମହାନଦୀର ଜଳକୁ ଟିକରପଡ଼ାର ହାତୀବାରୀ ଠାରେ ୱାଟର ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୧୦ ମିଲିୟନ ଲିଟର ଜଳକୁ ବିଶୋଧିତ କରାଯାଇ ଅନୁଗୋଳର ଆଖପାଖ ଅଞ୍ଚଳକୁ ଜଳ ଯୋଗାଇ ଦିଆଯିବା ସହ ଅନୁଗୋଳ ସହର ପାଇଁ ଏକ ଷ୍ଟାଣ୍ଡ ବାଇ ଭାବେ ରଖାଯିବ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ବିକାଶ ଦାସ, ଜନ ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣି, ବରିଷ୍ଠ ଆଇନ୍ଜୀବୀ ସୁବାସ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ ସର, ବାର୍ ଆସୋସିଏଶନ୍ର ସଭାପତି ଦିଲୀପ ଦାସଙ୍କ ସମେତ ଭୁବନେଶ୍ୱରର ଓପି ଏବଂ ଏସ୍ଏସ୍ ଇନ୍ଫାର କନ୍ସଲଟେନ୍ସ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଯକ୍ଷ୍ମା ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୬।୧୨**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ର ଅକୁପେଶନାଲ ହେଲଥ୍ ସେଣ୍ଟର (ଓଏଚସି) ଠାରେ ଏକ ଯକ୍ଷ୍ମା ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ଜିଲା ସିଡ଼ିଏମ୍ଓ ଡା. ତ୍ରିଲୋଚନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହି କେନ୍ଦ୍ର ଉଦ୍‌ଘାଟନ କରିବା ସହ ଜନସାଧାରଣ ଏହାର ସୁବିଧା ପାଇ ପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଅନୁଗୋଳରେ ପ୍ରଥମ କରି ଜିଲା ସ୍ୱାସ୍ଥ୍ୟ ପ୍ରଶାସନ, ଜେଏସ୍ପିଏଲ ଭଳି ଏକ ଘରୋଇ ସଂସ୍ଥା ସହଭାଗିତାରେ ଏହିପରି କାର୍ଯ୍ୟ ଆରମ୍ଭ ହୋଇଥିବା ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଜେଏସ୍ପିଏଲ ଓ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ମିଳିତ ଆନୁକୂଲ୍ୟରେ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ନିମନ୍ତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜେଏସ୍ପିଏଲ ପକ୍ଷରୁ



ରବିକାନ୍ତ ସୋମାନୀ, ଗ୍ରୁପ ସୁରକ୍ଷା ବିଭାଗ ମୁଖ୍ୟ, ବ୍ରିଗ.କେ କେ ଚୋପ୍ରା, ମୁଖ୍ୟ ପ୍ରଶାସନ ଆଲୋକ ମାଲହୋତ୍ରା, ମାନବ ସମ୍ବଳ ମୁଖ୍ୟ ଡ. କେ. ପି. ବେହେରା, ମୁଖ୍ୟ ଜେଏସ୍ପିଏଲ ସ୍ୱାସ୍ଥ୍ୟ ସେବା ବି. ପି. ସିଂ, ଜିଏମ୍ ନିରାପତ୍ତା ପ୍ରମୁଖଙ୍କ ସହ ଜିଲା ଯକ୍ଷ୍ମା ଅଧିକାରୀ ଡ.ମାନସ ରଞ୍ଜନ ବିଶ୍ୱାଳ ଓ ଅନ୍ୟାନ୍ୟ ଜେଏସ୍ପିଏଲ ଓଏଚ୍ସିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୯୮ ବରିଷ୍ଠ ନାଗରିକ

**ଅନୁଗୋଳ ଅଫିସ, ୬।୧୨**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଗୁରୁବାର ଅନୁଗୋଳ ଜିଲାରୁ ୧୯୮ ବରିଷ୍ଠ ନାଗରିକ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ ଜିଲା ଅଧୀନରେ ଥିବା ବରିଷ୍ଠ ନାଗରିକଙ୍କ ପାଇଁ ଚଳିତ ବର୍ଷ ରାମେଶ୍ୱରମ୍ ଓ ମଦୁଲାଲ ଯାତ୍ରା ନିମନ୍ତେ ୫ଟି ବସ୍ ଯୋଗେ ୧୬୩ ଜଣ ପୁରୁଷ ଓ ୩୫ ଜଣ ମହିଳା ବରିଷ୍ଠ ନାଗରିକ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ପତାକା ଦେଖାଇ ଏହି ତୀର୍ଥଯାତ୍ରାକୁ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଶୈଳ ଶ୍ରୀକ୍ଷେତ୍ର ଠାରେ ଅନୁଗୋଳ ଜିଲାର ୫ଟି ବସକୁ ଜିଲାପାଳ ଅନିଲ କୁମାର ସାମଲ ପତାକା ଦେଖାଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବଲପୁରରୁ ସ୍ୱତନ୍ତ୍ର ଟେନ୍ ଯୋଗେ ଏହି ୧୦ଟି ଜିଲାର ତୀର୍ଥଯାତ୍ରୀମାନେ ଚଳିତ ମାସ ୧୨ରେ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରା ସୁରୁଖୁରୁରେ ପରିଚାଳନା କରିବା ପାଇଁ ଅନୁଗୋଳ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ତୀର୍ଥଯାତ୍ରୀଙ୍କୁ ଜିଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଥିଲା। ଏହାଛଡ଼ା ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟଙ୍କ ସମେତ ଅନ୍ୟ ୪ କର୍ମଚାରୀ ଏ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବିଦାୟ ସମ୍ବର୍ଦ୍ଧନା ସମୟରେ ଅତିରିକ୍ତ ଜିଲାପାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ପତଞ୍ଜଳି କେନ୍ଦ୍ରୀୟ ପ୍ରଭାରୀଙ୍କ ଅନୁଗୋଳ ଗସ୍ତ

**ଅନୁଗୋଳ ଅଫିସ, ୬।୧୨**

ପତଞ୍ଜଳି ଯୋଗ ପୀଠର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ଓମ୍ ଦେବଜୀ ୨ ଦିନିଆ ଅନୁଗୋଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲାରେ ଯୋଗର ପ୍ରଚାର ପ୍ରସାର ନିମିତ୍ତ ସ୍ଥାନୀୟ ପଦାଧିକାରୀମାନଙ୍କୁ ଦେବଜୀ ମାର୍ଗଦର୍ଶନ କରିଥିଲେ। ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଜିଲାର କାର୍ଯ୍ୟକର୍ତ୍ତାମାନଙ୍କୁ ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବର୍ଣ୍ଣନା କରି ଯୋଗକୁ ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜିଲା ପ୍ରଭାରୀ ଯୋଗାଚାର୍ଯ୍ୟ ଅଭୟ ରାୟ ଅଧ୍ୟକ୍ଷତା କରିଥିଲେ। ସେହିପରି ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାର୍ଥନା କକ୍ଷରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା, ପୁରୁଷ ଓ ଯୁକ୍ତଦୁଇ ମହାବିଦ୍ୟାଳୟର ଶତାଧିକ ଶିବିରାର୍ଥୀ ଯୋଗ ଦେଇଥିଲେ। ସ୍ଥାନୀୟ ଯଦୁନାଥ ସଂସ୍କୃତ ମହାବିଦ୍ୟାୟରେ ଶତାଧିକ ଛାତ୍ରୀଛାତ୍ରମାନଙ୍କୁ




ସ୍ୱାମୀ ଓମ୍ ଦେବଜୀ ଯୋଗ, ବେଦ, ପୁରାଣ ଓ ଦର୍ଶନ ଶାସ୍ତ୍ର ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ପଣ୍ଡା, ଅଧ୍ୟାପକ ଜଗଦାନନ୍ଦ ପତି, ଦେବାଶିଷ ଦାସ ଓ ଯୋଗ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସ୍ୱାମୀ ଓମ୍ ଦେବଜୀ ଅନୁଗୋଳରେ ଯୋଗର ପ୍ରଚାର ପ୍ରସାର ବ୍ୟାପକ ହେବା ଦିଗରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ଯୋଗାଚାର୍ଯ୍ୟ ଅଭୟ ରାୟ, ଯୁବ ପ୍ରଭାରୀ ସଞ୍ଜୀବ ନାୟକ, ମହିଳା ପ୍ରଭାରୀ ସୁଷମା ବେହେରା, ସୁବୋଧ ମିଶ୍ର, ଅମିୟ କର, ପ୍ରମୋଦ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ଅଭୟ ସାହୁ, କବି ପ୍ରମୋଦ ଆର୍ଯ୍ୟ, ଜ୍ୟୋତ୍ସ୍ନାରାଣୀ ସାହୁ, ପଲ୍ଲବୀ ସାହୁ, ସୁନିତା ଗଡ଼ନାୟକ, ପ୍ରତିମା ମିଶ୍ର, କଳ୍ପନା ମାଝୀ, ବିରବର ସାହୁ, ହଳଧର ବିଶ୍ୱାଳ, ସୁକାନ୍ତ ସାହୁ, ସନ୍ତୋଷ ଗୌଡ଼ ଓ ଟୁକୁନା ମହାପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।

## ଫଟୋରେ ଖବର




୫୬ତମ ହୋମଗାର୍ଡ ଦିବସ ପାଳନ ଅବସରରେ ଅନୁଗୋଳ ହୋମଗାର୍ଡ ପଡ଼ିଆଠାରେ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ଏସ୍ପି ମିତ୍ରଭାନୁ ମହାପାତ୍ର।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ଡିସେମ୍ବର ୭ /୨୦୧୮ Dhenkanal, Friday, December 7 / 2018

■ ଭୂମିହୀନଙ୍କ ପାଇଁ ସର୍ଭେରେ ହେରଫେର ଘଟଣା

# କୋଅର୍ଡିନେଟରଙ୍କୁ ବିଦା କଲା ସଂସ୍ଥା

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ପୌରପାଳିକା ଅଧୀନରେ ଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗାଇ ଦେବା ପାଇଁ 'ବିକଳ୍ପ ବିକାଶ' ସଂସ୍ଥା ସର୍ଭେ ବେଳେ ବ୍ୟାପକ ହେର୍‌ଫେର କରିଥିବା ପ୍ରଶାସନ ଓ ପୌରପାଳିକା ନିକଟରେ ଅଭିଯୋଗ ହୋଇଥିଲା। ଜୁନ୍‌ରେ ସର୍ଭେ ଶେଷ ହୋଇଥିଲେ ବି ଏଯାଏ ଉକ୍ତ ଘରୋଇ ସଂସ୍ଥା ରିପୋର୍ଟ ପ୍ରଶାସନ କିମ୍ବା ପୌରପାଳିକାକୁ ହସ୍ତାନ୍ତର କରିନାହିଁ। ଏ ନେଇ ଜିଲାପାଳ ସଂସ୍ଥାକୁ ତାଗିଦ୍ ମଧ୍ୟ କରିସାରିଛନ୍ତି। ତେବେ ସର୍ଭେକୁ ନେଇ ଅଭିଯୋଗ ବଢ଼ୁଥିବାରୁ ଉକ୍ତ ଘରୋଇ ସଂସ୍ଥା ସଂଯୋଜକ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କର୍ତ୍ତୃପକ୍ଷ ତାଙ୍କୁ କାର୍ଯ୍ୟରୁ ବିଦା କରି ଦେଇଛନ୍ତି। ଏହାର ଏକ ଚିଠି ପୌରପାଳିକା ସହ ସର୍ଭେ ସମୟରେ ଗଠନ ହୋଇଥିବା କମିଟିର ୧୨ ଜଣ ସଭାପତିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ମନୋହର ନାଏକ, ଅନ୍ନପୂର୍ଣ୍ଣା ବେହେରା, ସସ୍ମିତା ବାରିକ, ସବିତା ରାଉଳ, ପ୍ରଭଞ୍ଜନ ପଟ୍ଟନାୟକଙ୍କ ସହ କେତେଜଣଙ୍କୁ ଉକ୍ତ ସଂସ୍ଥା ପ୍ରଲୋଭନ ଦେଖାଇବା ପାଇଁ ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ କହିଛନ୍ତି, ଏପରି ଅଭିଯୋଗ ଆମ ନିକଟକୁ ଆସିଛି। ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।

# ଅନୁଗୋଳରୁ ୫ ନାବାଳକ ଉଦ୍ଧାର

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ଚନ୍ଦ୍ରବାହାଳ ପାହାଡ ତଳେ ଥିବା ଅଭିମନ୍ୟୁ ଦାସ(୬୮)ଙ୍କ ଘରୁ ୫ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସୂଚନା ଦେଇଛନ୍ତି। ନାବାଳକଙ୍କୁ ଆଦୃତ ଶିଶୁ ସଦନରେ ଛଡ଼ାଯାଇଛି ବୋଲି ସେ କହିଛନ୍ତି। ସିଡ଼ବ୍ଲ୍ୟୁସିର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଘଟଣାସ୍ଥଳକୁ ଅନୁଧ୍ୟାନ କରିବାକୁ ଯାଇଥିଲେ। ସେ ଏସ୍‌ପି ଓ ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି ଓ ପୋଲିସ ପକ୍ଷରୁ ପ୍ରୀତିଲତା ମେଣ୍ଡୁଲୀ, ସାବିତ୍ରୀ ପଣ୍ଡା ପ୍ରମୁଖ ଚଢ଼ାଉ କରିଥିଲେ। ତେବେ ଅଭିମନ୍ୟୁଙ୍କୁ ଅଣ୍ଡରଟେକିଙ୍ଗ ଲେଖାଯାଇ ଛାଡିଦିଆଯାଇଥିବା ସୂଚନା ମିଳିଛି।

■ ସୁନା ବ୍ୟବସାୟୀ ହତ୍ୟା ମାମଲା

# ସ୍ତ୍ରୀଙ୍କ ଜାମିନ ଆବେଦନ ଖାରଜ

**ଢେଙ୍କାନାଳ ଅଫିସ, ୬।୧୨**

ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର ହତ୍ୟା ମାମଲାରେ ଜେଲରେ ଥିବା ଅଭିଯୁକ୍ତ ସ୍ତ୍ରୀ ଅରୁଣା ପାତ୍ରଙ୍କ ଜାମିନ ଅବେଦନ ଖାରଜ ହୋଇଛି। ଜିଲା ଦୌରାଜଜ୍‌ଙ୍କ ଅଦାଲତରେ କରାଯାଇଥିବା ଜାମିନ ଆବେଦନ ବିରୋଧରେ ପବ୍ଲିକ ପ୍ରସିକ୍ୟୁଟର ଗଣେଶ ବେହେରା ପ୍ରବଳ ଯୁକ୍ତି ବାଢ଼ିଥିଲେ। ସେପ୍ଟେମ୍ବର ୩ରେ ଅରୁଣା ଓ ପ୍ରେମିକ ତଥା ସାମରିକ କର୍ମଚାରୀ ସଞ୍ଜୟ କୁମାର ମଣ୍ଟୁଙ୍କୁ ହତ୍ୟା କରିଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ

**ରାସୋଳ, ୬।୧୨(ଡି.ଏନ.ଏ.)**

ରାସୋଳ ଥାନା କାରନ୍ଦା ଗ୍ରାମର ସୁଭଦ୍ରା ଗୋଚ୍ଛାୟତ ଶାଶୁଘର ଲୋକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ନେଇ ନଂ ୧୧୬/୧୮ରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ଶାଶୁଘର ଲୋକେ ଘରୁ ବାହାର କରିଦେବାରୁ ଝିଅ ସହ ବାପଘରେ ରହୁଥିବା ସୁଭଦ୍ରା ଅଭିଯୋଗ କରିଛନ୍ତି।

■ ଜିଲା ଟ୍ରକ୍ ଓନର୍ସ ଆସୋସିଏଶନ ନିର୍ବାଚନ

# ସତ୍ୟାନନ୍ଦ ସଭାପତି, ଦିଲୀପ ସମ୍ପାଦକ

**ଢେଙ୍କାନାଳ ଅଫିସ, ୬।୧୨**




ଢେଙ୍କାନାଳ ଜିଲା ଟ୍ରକ୍ ଓନର୍ସ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସତ୍ୟାନନ୍ଦ ବଳସାମନ୍ତ ଏବଂ ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବୈଶାଖ, ଉପସଭାପତି ଜଗଦୀଶ ପଟ୍ଟନାୟକ, ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁଶୀଲ ରାଉତ, ଶରତ ସାହୁ, କୋଷାଧ୍ୟକ୍ଷ ଦିବ୍ୟସିଂ ମହାପାତ୍ର, କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ଦାସ, ପଦନ ସାହୁ, ସନ୍ତୋଷ ମହାପାତ୍ର, ରାଜେଶ ସାହୁ, ବିଭୂତି ଭୂଷଣ ସାହୁ, ରାଜେନ୍ଦ୍ର ସାହୁ, ଅଶୋକ ସାହୁ, ଡମ୍ବରୁଧର ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଆଇନ ଓ ଅନ୍ୟାନ୍ୟ ପରାମର୍ଶଦାତା ଲାଗି ଭରତ ହାତୀ, ଦିଗମ୍ବର ବେହେରା, ବସନ୍ତ ମହାପାତ୍ରଙ୍କୁ ଚୟନ କରାଯାଇଛି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ଢେଙ୍କାନାଳ/ଅନୁଗୋଳ:** ରାକେଶ ମହାନ୍ତି (୯୭୭୬୭୦୭୦୦୦/୯୪୩୭୦୩୫୩୯୧)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ